**ଶ୍ରୀ ଅଶୋକ କୁମାର ତ୍ରିପାଠୀ, ଆଇ.ଏ.ଏସ୍**
ପ୍ରମୁଖ ସଚିବ, ଓଡ଼ିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ସଂଖ୍ୟାଲଘୁ ଓ ପଛୁଆବର୍ଗ ଶ୍ରେଣୀର କଲ୍ୟାଣ ବିଭାଗ

ଓଡ଼ିଶା ସରକାର

ଫୋନ୍ ନଂ : ୦୬୭୪ – ୨୫୩୪୮୭୧
ମୋବାଇଲ୍ ନଂ : +୯୪୩୭୦ ୪୦୨୮୫
ଫ୍ୟାକ୍ସ ନଂ : ୦୬୭୪ – ୨୩୯୬୮୦୬
ଇ-ମେଲ୍ : welsec@ori.nic.in
tripathy@yahoo.com
ୱେବ୍ ସାଇଟ୍ : www.orissa.gov.in

ଡ଼ି.ଓ. ନଂ – ୧୨୯୭୬/ଭୁବନେଶ୍ୱର
ତାରିଖ – ୦୩/୦୪/୧୦

ବିଷୟ: ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬ ଓ ନିୟମ – ୨୦୦୭ ଅଧିନରେ ଥିବା ଗୋଷ୍ଠୀ ଜଙ୍ଗଲ ଅଧିକାରର ନିର୍ଦ୍ଧାରଣ ଓ ସ୍ୱୀକୃତି ବିଧିବ୍ୟବସ୍ଥା ସମ୍ପର୍କୀତ ବାରମ୍ବାର ପଚରାଯାଉଥିବା ପ୍ରଶ୍ନାବଳୀ

ଭିଡ଼ିଓ କନ୍‌ଫରେନ୍‌ସିଂ ସମୟରେ ଏହା ଅନୁଭବ କରାଯାଇଛି ଯେ, ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ତା ୪.୭.୨୦୦୯ରିଖ ପତ୍ର ସଂଖ୍ୟା ୬୦୭୪ (ପାରା ୧), ଏହି ବିଭାଗୀୟ ପତ୍ର ସଂଖ୍ୟା ୪୫୬୫୯, ତା ୨୬.୧୨.୨୦୦୯ (ପାରା ୪) ଏବଂ ପରବର୍ତ୍ତୀ ସମୟଗୁଡ଼ିକରେ 'ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬' ଅଧିନରେ ପ୍ରଦତ୍ତ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସମ୍ବନ୍ଧୀୟ ସ୍ପଷ୍ଟିକରଣ ଦେବା ସତ୍ୱେ, ଏପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଆଶାନୁରୂପକ ଅଗ୍ରଗତି ହୋଇପାରି ନାହିଁ । ମୁଁ ଆପଣମାନଙ୍କ ଦୃଷ୍ଟି ନିର୍ଦ୍ଦିଷ୍ଟ ରୂପେ ଆକର୍ଷଣ କରିବା ପାଇଁ ଚାହେଁ ଯେ, ଏପର୍ଯ୍ୟନ୍ତ ଯେଉଁ ସଂଖ୍ୟକ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରଦାନ କରାଯାଇଛି, ତନ୍‌ମଧ୍ୟରୁ ଅଧିକାଂଶ ଆଇନ୍‌ର ଧାରା ୩(୨)ରେ ବର୍ଣ୍ଣିତ ଜଙ୍ଗଲ ଜମିକୁ ଉନ୍ନୟନମୂଳକ କାର୍ଯ୍ୟରେ ଉପଯୋଗ ସମ୍ବନ୍ଧୀୟ ଅଟେ । ଆଇନ୍‌ର ଧାରା ୩(୨) ଅର୍ନ୍ତଗତରେ ବର୍ଣ୍ଣିତ ଜଙ୍ଗଲ ଜମିକୁ ଉନ୍ନୟନମୂଳକ କାର୍ଯ୍ୟରେ ଉପଯୋଗ ସମ୍ବନ୍ଧୀୟ ପ୍ରକ୍ରିୟାଟି ଆଇନ୍‌ର ଧାରା ୩(୧)ରେ ପ୍ରଦତ୍ତ ଗୋଷ୍ଠୀ ଜଙ୍ଗଲ ଅଧିକାରଗୁଡ଼ିକର ସ୍ୱୀକୃତି ପ୍ରକ୍ରିୟା ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ ।

୨. ମୁଁ ଆପଣମାନଙ୍କୁ ଏହି ପତ୍ର ସହ ସଂଯୁକ୍ତ 'ବାରମ୍ବାର ପଚରାଯାଉଥିବା ପ୍ରଶ୍ନ' (ପରିଶିଷ୍ଟ – ୨) ସଂପର୍କରେ ଦୃଷ୍ଟି ଆକର୍ଷଣ କରିବା ଚାହୁଁଛି, ଯେଉଁଥିରେ କି ପ୍ରଶ୍ନୋତ୍ତର ମାଧ୍ୟମରେ "ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬ ଓ ନିୟମ – ୨୦୦୭" ଅଧିନରେ ପ୍ରଦତ୍ତ ଗୋଷ୍ଠୀ ଜଙ୍ଗଲ ଅଧିକାରର ନିର୍ଦ୍ଧାରଣ ଓ ସ୍ୱୀକୃତି ସମ୍ପର୍କୀତ ବିଧିବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରାଯାଇଛି, ଯାହାକି ଗୋଷ୍ଠୀ ଜଙ୍ଗଲ ଅଧିକାର ନିର୍ଦ୍ଧାରଣ ଓ ସ୍ୱୀକୃତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ । ଜଙ୍ଗଲ ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ସହ ଜଡ଼ିତ ଥିବା ସମସ୍ତ ବ୍ୟକ୍ତି ଓ ଅନୁଷ୍ଠାନ ଠାରେ ସରକାରୀ ଓ ବେସରକାରୀ ସଦସ୍ୟ ଯଥା: ଦାବୀଦାର, ଜଙ୍ଗଲ ଅଧିକାର କମିଟିର ସଦସ୍ୟା/ସଦସ୍ୟ, ଗ୍ରାମସଭା, ଜିଲ୍ଲା ଓ ଉପ-ଖଣ୍ଡସ୍ତରୀୟ କମିଟିର ସଦସ୍ୟା/ସଦସ୍ୟମାନଙ୍କୁ 'ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତାହାର ଉତ୍ତର' ସଂପର୍କରେ ସଚେତନ କରିବା ଆବଶ୍ୟକ ।

ଆପଣଙ୍କର

(ଅଶୋକ କୁମାର ତ୍ରିପାଠୀ)

**ସମସ୍ତ ଜିଲ୍ଲାପାଳ ଓ ଆର୍.ଡ଼ି.ସି (ନାମାନୁସାରେ)**

# ଗୋଷ୍ଠୀଗତ ଅଧିକାର ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହ

**୧. ଆଇନ୍ ଅଧୀନରେ ଗୋଷ୍ଠୀ ଜଙ୍ଗଲ ଅଧିକାର/ ସମ୍ବଳ ପାଇଁ କ'ଣ କ'ଣ ବ୍ୟବସ୍ଥା ରହିଛି ?**

ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬ ର ଧାରା ୩ (୧) ରେ **ସମସ୍ତ** ପ୍ରକାରର ଜଙ୍ଗଲ ଜମି ଉପରେ ପାରମ୍ପରିକ ଭାବରେ ନିର୍ଭର କରିଆସୁଥିବା ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଉଭୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି । ତନ୍ମଧ୍ୟରୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଥିବା ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ନିମ୍ନରେ ଉଲ୍ଲେଖ କରାଯାଇଛି:

କ) ଧାରା ୩ (୧) (ଖ)ରେ **ପୂର୍ବର ରାଜାରାଜୁଡ଼ା କିମ୍ବା ଜମିଦାରୀ କିମ୍ବା ସେହି ପ୍ରକାରର ଆନ୍ତରୀଣ ଶାସନ କାଳରେ ନିସ୍ତାର କିମ୍ବା ସେହିଭଳି ଯେକୌଣସି ନାମରେ ଗୋଷ୍ଠୀଭିତ୍ତିକ ଅଧିକାର** ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ନିସ୍ତାର ଅଧିକାର ସୁରକ୍ଷିତ କରିଥାଏ ସ୍ଥାନୀୟ ଗୋଷ୍ଠୀମାନଙ୍କର ଜଙ୍ଗଲ ଉପରେ ଥିବା ପ୍ରଥାନୁମୋଦିତ ଅଧିକାର ଅବା ପାରମ୍ପରିକ ପ୍ରବେଶାଧିକାର ଯାହାକି ବିଭିନ୍ନ ଶାସନକାଳରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ନିସ୍ତାରି ଦାବୀ ଅର୍ଥ ଜଙ୍ଗଲ ସମ୍ବଳ ଯଥା କାଠ, ଜାଳେଣୀ କାଠ, ଗୋମହିଷାଦିଚାରଣଭୂମି, ଲଘୁବନଜାତଦ୍ରବ୍ୟ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ସମ୍ବଳର ବ୍ୟବହାର ଉପରେ ଭୋଗାଧିକାର ଯାହାକି ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ।

(ଖ) ଧାରା ୩ (୧) (ଗ)ରେ ପାରମ୍ପରିକ ଭାବେ ନିଜ ଗ୍ରାମ ମଧ୍ୟରେ କିମ୍ବା ଗ୍ରାମ ବାହାର ସୀମାରୁ ସଂଗ୍ରହ ହୋଇ ଆସୁଥିବା **ଲଘୁ ବନଜାତ ଦ୍ରବ୍ୟର ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ** ନିମନ୍ତେ ଅଧିକାର ଦିଆଯାଇଛି । ପୁନଶ୍ଚ, ନିୟମ ୨ (ଘ)ରେ ***"ଲଘୁବନଜାତ ଦ୍ରବ୍ୟର ବିକ୍ରୟ"*** କହିଲେ, ଆଇନର ଧାରା ୩ର ଉପଧାରା (୧)ର ଖଣ୍ଡ (ଗ) ଅଧୀନରେ ଜୀବନଜୀବିକା ପାଇଁ ସ୍ଥାନୀୟସ୍ତରରେ ପ୍ରକ୍ରିୟାକରଣ, ମୂଲ୍ୟ ସଂଯୋଗୀକରଣ, ଜଙ୍ଗଲ ମଧ୍ୟରେ ଶଗଡ଼ ଗାଡ଼ି, ସାଇକେଲ ଓ ମୁଣ୍ଡଭାର ମାଧମରେ ଉତ୍ପାଦିତ ଦ୍ରବ୍ୟର ପରିବହନ କିମ୍ବା ଜୀବନଜୀବିକା ପାଇଁ ଗୋଷ୍ଠୀ କିମ୍ବା ସଂଗ୍ରହକାରୀ ଦ୍ୱାରା ବ୍ୟବହାର ସଂପର୍କରେ ଉଲ୍ଲେଖ କରାଯାଇଛି । ଆଇନ୍‌ର ଧାରା ୨ (୧) ରେ **'ଲଘୁ ବନଜାତ ଦ୍ରବ୍ୟ'** ଅର୍ଥାତ୍ ବୃକ୍ଷଜାତ ସମସ୍ତ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯେଉଁଥିରେ ବାଉଁଶ, ଝାଟି, ଛୋଟ ଗଛର ଡାଳ, ବେତ, ଟସର, କୋଷା, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷଲତା, ମୂଳ, ଚେରମୂଳି, କନ୍ଦ ଆଦି ଅନ୍ତର୍ଭୁକ୍ତ ଅଟେ ।

(ଗ) ଧାରା ୩ (୧) (ଘ)ରେ "ଅନ୍ୟାନ୍ୟ ଗୋଷ୍ଠୀଗତ ଅଧିକାର ମଧ୍ୟରେ **ମାଛ ଏବଂ ଅନ୍ୟାନ୍ୟ ଜଳଜାତ ଦ୍ରବ୍ୟ, ଚାରଣ** (ଉଭୟ ସ୍ଥାୟୀ କିମ୍ବା ଭ୍ରାମ୍ୟମାଣ) ଏବଂ **ଯାଯାବର କିମ୍ବା ମେଷପାଳକ ଗୋଷ୍ଠୀମାନଙ୍କର ପାରମ୍ପରିକ ଋତୁଭିତ୍ତିକ ସମ୍ବଳ** ଉପରେ ବ୍ୟବହାର ଓ ହକ୍ ଜନିତ ଗୋଷ୍ଠୀଗତ ଅଧିକାର ବିଷୟରେ ଉଲ୍ଲେଖ କରାଯାଇଛି । ଏହି ବ୍ୟବସ୍ଥାରେ ଦାବୀ କରାଯାଇପାରିବା ଅଧିକାରଗୁଡ଼ିକ ମଧ୍ୟରେ (୧) ପାରିବାରିକ, ଚାଷକାର୍ଯ୍ୟ ଗାଇ ମହିଷାଦି, ମାଛ ଏବଂ ଅନ୍ୟାନ୍ୟ ପାରମ୍ପରିକ ବ୍ୟବହାର

ନିମନ୍ତେ ଜଳର ବ୍ୟବହାର, (୨) ଜଙ୍ଗଲରେ ଗୋମହିଷାଦିଙ୍କ ଚାରଣ, ୩) ଯାଯାବର କିମ୍ବା ମେଷପାଳକ ଗୋଷ୍ଠୀମାନଙ୍କର ପାରମ୍ପରିକ ଋତୁଭିତ୍ତିକ ସମ୍ବଳ ଉପରେ ବ୍ୟବହାର  ଆଦି ଅନ୍ତର୍ଭୁକ୍ତ ଅଟେ ।

(ଘ) ଆଇନ୍‌ର ଧାରା ୩ (୧) (ଙ)ରେ **ଆଦିମ ଜନଜାତି ଏବଂ ପ୍ରାକ୍ କୃଷିଜୀବି** ସମ୍ପ୍ରଦାୟମାନଙ୍କର **ପ୍ରାକୃତିକ ବାସସ୍ଥଳୀ ଏବଂ ବସତି** ଉପରେ ଗୋଷ୍ଠୀଗତ ଅଧିକାର ପ୍ରଦାନ କରାଯାଇଛି । ଆଇନ୍‌ର ଧାରା ୨ (ଜ)ରେ ବର୍ଣ୍ଣିତ **'ବସତି'** ଅର୍ଥାତ୍ ଆଦିମ ଜନଜାତି ଏବଂ ପ୍ରାକ୍ କୃଷକ ସମ୍ପ୍ରଦାୟ ଏବଂ ଅନ୍ୟାନ୍ୟ ବନବାସୀ ଜନଜାତିଙ୍କର ସଂରକ୍ଷିତ ଜଙ୍ଗଲ ଓ ରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପାରମ୍ପରିକ ପ୍ରାକୃତିକ ବାସସ୍ଥଳୀ କିମ୍ବା ସେହି ପ୍ରକାରର ବସତି ଅନ୍ତର୍ଭୁକ୍ତ ଅଟେ । ପ୍ରାକୃତିକ ବାସସ୍ଥଳୀ ଏକ ଭୌଗୋଳିକ ଭୂଦୃଶ୍ୟ/ଭୂଖଣ୍ଡ ଯାହାକି ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଏବଂ ଅନ୍ୟାନ୍ୟ ବନବାସୀ ଜନଜାତିମାନଙ୍କର ଜୀବନଶୈଳୀ ଏବଂ ସଂସ୍କୃତି ସହ ଅଙ୍ଗାଅଙ୍ଗୀଭାବେ ଜଡ଼ିତ ରହିଛି । ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାରର ଆଦିମ ଜନଜାତିମାନଙ୍କର ପୃଥକ୍ ପୃଥକ୍ ଗୋଷ୍ଠୀଗତ ପ୍ରାକୃତିକ ବାସସ୍ଥଳୀ ରହିଛି, ଯାହାକି ସାଂସ୍କୃତିକ ଓ ବିଶେଷ କ୍ଷେତ୍ରଭାବେ ସେମାନଙ୍କ ଦ୍ଵାରା ବ୍ୟବହୃତ ହୋଇଥାଏ । ଆଦିମ ଅଧିବାସୀମାନଙ୍କର ପ୍ରାକୃତିକ ବାସସ୍ଥଳୀ ଉପରେ ପ୍ରଦାନ କରାଯାଉଥିବା ସତ୍ଵପତ୍ର/ସୀକୃତିପତ୍ରରେ ବାସସ୍ଥଳୀର ଏକ ମାନଚିତ୍ର ସଂଲଗ୍ନ କରାଯିବା ଆବଶ୍ୟକ । ସଂପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତିଙ୍କର ପ୍ରଥାନୁମୋଦିତ ଅଧିକାର ସହ ପ୍ରାକୃତିକ ବାସସ୍ଥଳୀକୁ ଚିହ୍ନଟ କରିପାରୁଥିବା ଭଳି ସୁସ୍ପଷ୍ଟ ସୀମା ଉକ୍ତ ମାନଚିତ୍ରରେ ସ୍ଥାନିତ ହେବା ଆବଶ୍ୟକ ।

(ଙ) ଧାରା ୩ (୧) (ଝ)ରେ **"ଚିରସ୍ଥାୟୀ ଉପଯୋଗ ନିମନ୍ତେ ପାରମ୍ପରିକଭାବେ ସୁରକ୍ଷା ଏବଂ ସଂରକ୍ଷଣ କରିଆସୁଥିବା କୌଣସି ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପୁନଃଜନନ, ସଂରକ୍ଷଣ କିମ୍ବା ପରିଚାଳନା**ର ଅଧିକାର ପ୍ରଦାନ କରାଯାଇଛି । ଆଇନ୍ ର ଧାରା ୨ (କ)ରେ  **'ଗୋଷ୍ଠୀ ଜଙ୍ଗଲ ସମ୍ବଳ'** ଅର୍ଥାତ୍ ଗ୍ରାମର ପାରମ୍ପରିକ କିମ୍ବା ପ୍ରଥାନୁମୋଦିତ ସୀମା ମଧ୍ୟରେ ଥିବା **ପାରମ୍ପରିକ ଜଙ୍ଗଲ ଜମି** କିମ୍ବା ମେଷପାଳକ ସମ୍ପ୍ରଦାୟଙ୍କ ଦ୍ଵାରା ବ୍ୟବହୃତ ହେଉଥିବା ଋତୁଭିତ୍ତିକ ଭୁଖଣ୍ଡ, ଯେଉଁଥିରେ କି ସେମାନଙ୍କର ପାରମ୍ପରିକ ପ୍ରବେଶାଧିକାର ଥିଲା । ଏଠାରେ **ଜଙ୍ଗଲ ଜମି** କିମ୍ବା ଋତୁଭିତ୍ତିକ ଭୁଖଣ୍ଡ ମଧ୍ୟରେ ସଂରକ୍ଷିତ ଜଙ୍ଗଲ, ରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ଆଦି ଅନ୍ତର୍ଭୁକ୍ତ ଅଟେ ।

(ଚ) ଧାରା ୩ (୧) (ଟ)ରେ **"ଜୈବ ବିବିଧତା ଏବଂ ବୌଦ୍ଧିକ ସମ୍ପତ୍ତିର ଗୋଷ୍ଠୀଗତ ଅଧିକାର ଏବଂ ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ପାରମ୍ପରିକ ଜ୍ଞାନକୌଶଳ ଉପରେ ଅଧିକାର** ପ୍ରଦାନ କରାଯାଇଛି ।" ଗୋଷ୍ଠୀଗତ ଅଧିକାର ଏବଂ ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ପାରମ୍ପରିକ ଜ୍ଞାନ କୌଶଳ ମଧ୍ୟରେ  ମଞ୍ଜି, ଔଷଧୀୟ ବୃକ୍ଷ ଏବଂ ତାହାର ବ୍ୟବହାର, କୃଷିଭିତ୍ତିକ ଜୈବବିବିଧତା (ଚାଷ କରାଯାଉଥିବା ଏବଂ ଚାଷ କରାନଯାଉଥିବା ଖାଦ୍ୟ ଏବଂ ଶସ୍ୟ), ଉଦ୍ଭିଦ ଏବଂ ଜୀବ ଉପରେ ଜ୍ଞାନ ଏବଂ ସ୍ଵଦେଶୀ ସଂରକ୍ଷଣ ପ୍ରଣାଳୀ ଏବଂ ପ୍ରଥା, ଗୋଷ୍ଠୀମାନଙ୍କର ଜୈବବିବିଧତା ସମ୍ବନ୍ଧୀୟ ସାଂସ୍କୃତିକ ଦିଗ ଯଥା କାରୁକାର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ଆଦି ଅନ୍ତର୍ଭୁକ୍ତ ଅଟେ ।

(ଛ) ଧାରା ୩ (୧) (ଠ)ରେ "ବନବାସୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଦ୍ଵାରା ପାରମ୍ପରିକ ଭାବେ **ପ୍ରଥାନୁମୋଦିତ ଅଧିକାର** ଯାହା (କ) ରୁ (ଟ) ଉପଧାରା ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇନାହିଁ, କିନ୍ତୁ କୌଣସି ପ୍ରଜାତିର ବନ୍ୟପ୍ରାଣୀଙ୍କୁ ଶିକାର କରିବା, ଫାଶ ବସାଇବା କିମ୍ବା ସେମାନଙ୍କ ଶରୀରର କୌଣସି ଅଂଶକୁ କାଢ଼ି ନେବା ନିମନ୍ତେ ଅଧିକାର ଏହାର ଅନ୍ତର୍ଭୁକ୍ତ ନୁହେଁ ।" ଏଥିରେ ଜଙ୍ଗଲ ଅଧିକାର ଆଇନ୍‌ର ଗୋଷ୍ଠୀଗତ ଅଧିକାର ପରିସର ମଧ୍ୟରେ ସ୍ଥାନିତ ହୋଇନଥିବା ସେହି ସମସ୍ତ ଅଧିକାରଗୁଡ଼ିକୁ ସୂଚୀତ କରୁଅଛି, ଯାହାକି ପାରମ୍ପରିକ ଭାବରେ ସ୍ଥାନୀୟ ଗୋଷ୍ଠୀମାନେ ସମ୍ବଳ ଉପରେ

ବ୍ୟବହାର କରିଆସୁଛନ୍ତି । ଉଦାହରଣସ୍ୱରୂପ: ପ୍ରାକ୍ କୃଷି ପଦ୍ଧତି, ଘର ଲିପିବା ନିମନ୍ତେ ଜଙ୍ଗଲରୁ ସଂଗ୍ରହ କରୁଥିବା ମାଟି, ଜଙ୍ଗଲ ମଧ୍ୟରେ ପୂଜାସ୍ଥଳୀ ଏବଂ ପବିତ୍ର ସ୍ଥଳୀ/ଅଞ୍ଚଳ ଯଥା ସାର୍ନା, ଜାହିରା, ମାରାଙ୍ଗ୍‌ବୁରୁ, ଲିଲିଙ୍ଗ୍‌ବୁରୁ ଏବଂ ସେହିଭଳି, ଜଙ୍ଗଲରାସ୍ତାର ବ୍ୟବହାର ଓ ଇତ୍ୟାଦି ଉକ୍ତ ଅଧିକାର ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

**୭. ଗୋଷ୍ଠୀଜଙ୍ଗଲ ଅଧିକାରର ଦାବୀଦାଖଲ, ନିର୍ଦ୍ଧାରଣ ଏବଂ ଯାଞ୍ଚର ପ୍ରକ୍ରିୟାଗୁଡ଼ିକ କ'ଣ କ'ଣ ?**

ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୬ରେ ଗ୍ରାମସଭାକୁ ଗୋଷ୍ଠୀଜଙ୍ଗଲ ଅଧିକାରର ପ୍ରକାର ଓ ବିସ୍ତାର ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଅଧିକାର ପ୍ରଦାନ କରାଯାଇଛି । ନିୟମ ୧୧ (୪) ଅନୁଯାୟୀ, ଜଙ୍ଗଲ ଅଧିକାର କମିଟି ଗ୍ରାମସଭା ତରଫରୁ ଗୋଷ୍ଠୀ ଜଙ୍ଗଲ ଅଧିକାର ସଂମ୍ପର୍କୀତ ଦାବୀଗୁଡ଼ିକୁ ପ୍ରଦତ୍ତ ଦାବୀପତ୍ର 'ଖ'ରେ ପ୍ରସ୍ତୁତ କରିବ । ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ଅନୁସରଣ କରିବାର ଆବଶ୍ୟକତା ରହିଛି:

**(କ) ଗୋଷ୍ଠୀ ଜଙ୍ଗଲ ଅଧିକାରର ନିର୍ଦ୍ଧାରଣ:-**

ନିୟମ ୧୧ (ଖ) ଅନୁଯାୟୀ, ଜଙ୍ଗଲ ଅଧିକାର କମିଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ନିର୍ଦ୍ଧାରଣ ପ୍ରକ୍ରିୟା ନିମନ୍ତେ ଗୋଟିଏ ତାରିଖ ଧାର୍ଯ୍ୟ କରିବ । ଜଙ୍ଗଲ ଅଧିକାର କମିଟି ଗ୍ରାମସଭାକୁ ସେମାନଙ୍କର ଗୋଷ୍ଠୀଜଙ୍ଗଲ ସମ୍ବଳର ମାନଚିତ୍ର ପ୍ରସ୍ତୁତିକରଣ ଏବଂ ସ୍ୱୀକୃତ ଭୂଚିହ୍ନ ଅଞ୍ଚଳକୁ ଚିତ୍ରଣ କରିବା ଦିଗରେ ସାହାଯ୍ୟ କରିବ । ନିୟମ ୪ (୨) ଅନୁସାରେ ଆଦିମ ଆଦିବାସୀ ସମୁଦାୟ, ପ୍ରାକ୍ କୃଷିଜୀବୀ ଗୋଷ୍ଠୀ ଏବଂ ମହିଳାମାନଙ୍କର ଏହି ପ୍ରକ୍ରିୟାରେ ପର୍ଯ୍ୟାପ୍ତ ପରିମାଣରେ ଉପସ୍ଥିତିକୁ ସୁନିଶ୍ଚିତତା କରାଯିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

**(ଖ) ଯାଞ୍ଚ ପ୍ରକ୍ରିୟା:-**

ନିୟମ ୧୨ ଅନୁଯାୟୀ, ଜଙ୍ଗଲ ଅଧିକାର କମିଟି ବନବିଭାଗକୁ ସୂଚିତ କରିବା ପରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ସ୍ଥାନ ପରିଦର୍ଶନ କରି କ୍ଷେତ୍ରସ୍ଥଳରେ ଦାବୀର ସ୍ୱରୂପ ଓ ବିସ୍ତାର ଯାଞ୍ଚ କରିବା ସହ କ୍ଷେତ୍ରସ୍ଥଳରେ ଥିବା ପ୍ରମାଣକୁ ନଥିଭୁକ୍ତ କରିବ । ଜଙ୍ଗଲ ଅଧିକାର କମିଟି ଗୋଷ୍ଠୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଦାବୀ ପତ୍ରକୁ ଆଧାର କରି ପ୍ରତ୍ୟେକ ଦାବୀକୃତ ଅଞ୍ଚଳକୁ ସୁସ୍ପଷ୍ଟ ଚିହ୍ନ ସହ ମାନଚିତ୍ରରେ ଚିତ୍ରଣ କରିବ ।

**(ଗ) ଯାଞ୍ଚ ବିବରଣୀ ପ୍ରସ୍ତୁତ:-**

ଯାଞ୍ଚ ପରେ ସମ୍ପୃକ୍ତ ଜଙ୍ଗଲ ଅଧିକାର କମିଟି ମାନଚିତ୍ର ଏବଂ ପ୍ରମାଣ ସହିତ ଏକ ଯାଞ୍ଚ ବିବରଣୀ ପ୍ରସ୍ତୁତ କରିବ ।

**(ଘ) ବୃତ୍ତାନ୍ତ ଅନୁମୋଦନ ନିମନ୍ତେ ଗ୍ରାମସଭା ଆହ୍ୱାନ :-**

ନିୟମ ୧୧ (୨) (ଙ) ଅନୁଯାୟୀ, ଜଙ୍ଗଲ ଅଧିକାର କମିଟି ଦାବୀର ସ୍ୱରୂପ ଓ ବିସ୍ତାର ସମ୍ବନ୍ଧୀୟ ସିଦ୍ଧାନ୍ତ ଗ୍ରାମସଭା ସମ୍ମୁଖରେ ବିଚାର ନିମନ୍ତେ ଉପସ୍ଥାପନ କରିବ । ପୁନଶ୍ଚ ନିୟମ ୧୧(୫) ଅନୁସାରେ, ଜଙ୍ଗଲ ଅଧିକାର କମିଟିର ସିଦ୍ଧାନ୍ତ ଉପରେ ଗ୍ରାମସଭା ବିଚାର କରି ଗୃହୀତ କରିବ ଏବଂ ସେସଂମ୍ପର୍କୀତ ବିବରଣୀ ପ୍ରସ୍ତୁତ କରି ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ କରିବ ।

ଯାହାବିହେଉ, ନିୟମ ୪ (ଗ) ଅନୁଯାୟୀ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କୁ ଯଥୋଚିତ ସୁବିଧା ସୁଯୋଗ ପ୍ରଦାନ କରି ଦାବୀପତ୍ରକୁ ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବ ।

**୩. ଯଦି କୌଣସି ଗାଁର ଗୋଷ୍ଠୀ ବନ ସମ୍ବଳ ଅନ୍ୟ ଗାଁର ସୀମା ମଧ୍ୟରେ ଅଛି ଅବା କୌଣସି ଜଙ୍ଗଲ ସମ୍ବଳକୁ ଏକାଧିକ ଗାଁର ଲୋକମାନେ ବ୍ୟବହାର କରୁଛନ୍ତି ଅବା କୌଣସି ଗାଁର ପାରମ୍ପରିକ ସୀମା ସରହଦ ଅନ୍ୟ ଗାଁର ସୀମାକୁ ଅତିକ୍ରମ କରୁଛି ଅବା ଜଙ୍ଗଲ ସମ୍ବଳ ଅବା ସୀମାକୁ ନେଇ ବାଦବିବାଦ ରହିଛି ସେଠାରେ ଗୋଷ୍ଠୀ ଜଙ୍ଗଲ ଅଧିକାରର ନିର୍ଣ୍ଣୟ ପ୍ରକ୍ରିୟା କିପରି ହେବ ?**

ଯଦି କୌଣସି ଗାଁର ଗୋଷ୍ଠୀ ବନ ସମ୍ବଳ ଅନ୍ୟ ଗାଁର ସୀମା ମଧ୍ୟରେ ଅଛି ଅବା କୌଣସି ଜଙ୍ଗଲ ସମ୍ବଳକୁ ଏକାଧିକ ଗାଁର ଲୋକମାନେ ବ୍ୟବହାର କରୁଛନ୍ତି ଅବା ସୀମା ସରହଦକୁ ନେଇ ବାଦବିବାଦ ଅବା କନ୍ଦଳ ରହିଛି, ସେ କ୍ଷେତ୍ରରେ ଗୋଷ୍ଠୀ ଜଙ୍ଗଲ ଅଧିକାରର ନିର୍ଣ୍ଣୟ ପ୍ରକ୍ରିୟା ଯାହାକି ପ୍ରଶ୍ନ ୨ ରେ ଉଲ୍ଲେଖ କରାଯାଇଛି, ତତ୍ ସହିତ ନିମ୍ନଲିଖିତ କେତୋଟି ଅତିରିକ୍ତ ପଦକ୍ଷେପ ଅନୁସରଣ କରିବାକୁ ପଡିବ:

**(କ) ପାର୍ଶ୍ୱବର୍ତ୍ତୀ ଗ୍ରାମସଭା ଏବଂ ଉପଖଣ୍ଡସ୍ତରୀୟ କମିଟିକୁ ସୂଚନା ପ୍ରଦାନ:-**

ନିୟମ ୧୧ (୧) (ଖ) ଅନୁଯାୟୀ ଏକାଧିକ ଗ୍ରାମ ବ୍ୟବହାର କରୁଥିବା ଅଞ୍ଚଳ କ୍ଷେତ୍ରରେ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଉପରେ ଅଧିକାର ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସମ୍ପୃକ୍ତ ଗ୍ରାମସଭା, ତାହାର ପାର୍ଶ୍ୱବର୍ତ୍ତୀ ଗ୍ରାମସଭା ଏବଂ ଉପଖଣ୍ଡସ୍ତରୀୟ କମିଟିକୁ ସୂଚିତ କରିବ ।

**(ଖ) ଦାବୀର ବିଚାର ଏବଂ ବାଦବିବାଦ ର ସମାଧାନ ନିମନ୍ତେ ଗ୍ରାମସଭାମାନଙ୍କର ଯୁଗ୍ମ ବୈଠକ–**

ନିୟମ ୧୨ (୩) ଅନୁଯାୟୀ, ଯଦି କୌଣସି ଗାଁର ପାରମ୍ପରିକ ସୀମା ସରହଦକୁ ନେଇ ବାଦବିବାଦ ରହିଥାଏ କିମ୍ବା ଗୋଟିଏ ଜଙ୍ଗଲକୁ ଏକାଧିକ ଗ୍ରାମର ଅଧିବାସୀମାନେ ବ୍ୟବହାର କରୁଥାନ୍ତି ଓ ତାହାକୁ ନେଇ ବାଦବିବାଦ ରହିଥାଏ, ତେବେ ସେ କ୍ଷେତ୍ରରେ ସଂପୃକ୍ତ ଗ୍ରାମଗୁଡ଼ିକର ଜଙ୍ଗଲ ଅଧିକାର କମିଟିର ସଦସ୍ୟମାନେ ଏକାଠି ହୋଇ ଦାବୀ ଉପଭୋଗର ସ୍ୱରୂପକୁ ଚିହ୍ନଟ କରିବେ ଏବଂ ମିଳିତ ଭାବେ ସମାଧାନ କରିବେ ଏବଂ ନିର୍ଣ୍ଣିତ ଫଳାଫଳକୁ ନିଜ ନିଜ ଗ୍ରାମର ଗ୍ରାମସଭାରେ ଲିଖିତ ଭାବେ ଉପସ୍ଥାପନ କରିବେ ।

**(ଗ) ଯଦି ଗ୍ରାମସଭା ଦ୍ୱାରା ବାଦବିବାଦର ସମାଧାନ ନ ହୋଇପାରେ –**

ଏହି କ୍ଷେତ୍ରରେ, ନିୟମ ୧୨ (୩) ଅନୁସାରେ, ସମ୍ପୃକ୍ତ ଗ୍ରାମସଭା ଉକ୍ତ ସମସ୍ୟାର ବିଚାରାର୍ଥେ ଉପଖଣ୍ଡସ୍ତରୀୟ କମିଟିକୁ ପଠାଇଦେବେ ।

**୪. ଗୋଷ୍ଠୀଜଙ୍ଗଲ ଅଧିକାର ନିର୍ଣ୍ଣୟ ପ୍ରକ୍ରିୟାରେ ଉପଖଣ୍ଡସ୍ତରୀୟ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟିମାନଙ୍କର କଣ ଭୂମିକା ରହିଛି ?**

ନିୟମ ୬ ଅନୁଯାୟୀ, ଉପଖଣ୍ଡସ୍ତରୀୟ କମିଟି ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କରିବା ଉଚିତ୍:

(କ) ଗୋଷ୍ଠୀ ଅଧିକାର ଉପରେ ସଚେତନତା ସୃଷ୍ଟି କରିବା ।

(ଖ) ଗ୍ରାମସଭା ଦ୍ୱାରା କରାଯାଇଥିବା ଦାବୀ ନିର୍ଦ୍ଧାରଣ, ନିର୍ଣ୍ଣୟ ଓ ଯାଞ୍ଚ ନିମନ୍ତେ ଆବଶ୍ୟକୀୟ ନଥିପତ୍ର, ପ୍ରମାଣପତ୍ର ଏବଂ ସହାୟତା ଦଳ ଯୋଗାଇଦେବା ।

(ଗ) ଯଦି ଗ୍ରାମସଭା ତରଫରୁ ବାଦବିବାଦ ସଂକ୍ରାନ୍ତିୟ କୌଣସି ସମସ୍ୟା ଉତ୍ଥାପନ ହୋଇଥାଏ ତେବେ ତାର ସମାଧାନ କରିବା ।

ନିୟମ ୮ ଅନୁଯାୟୀ, ଜିଲ୍ଲାସ୍ତରୀୟ କମିଟି ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟିଦେବା ଅତ୍ୟନ୍ତ ଆବଶ୍ୟକ ଅଟେ:

(କ) ଗୋଷ୍ଠୀ ଜଙ୍ଗଲ ଅଧିକାର ଉପରେ ଗୋଷ୍ଠୀମାନେସଚେତନ ହୋଇଛନ୍ତି କି ନାହିଁ ।

(ଖ) ଗୋଷ୍ଠୀଗତ ଦାବୀ ନିର୍ଦ୍ଧାରଣ ନିମନ୍ତେ ଆବଶ୍ୟକୀୟ ସହାୟତା ଗ୍ରାମସଭା ଏବଂ ଜଙ୍ଗଲ ଅଧିକାର କମିଟିକୁ ଯୋଗାଇ ଦିଆଯାଇଛି କି ନାହିଁ ।

(ଗ) ବିଶେଷକରି ଆଦିମ ଜନଜାତି, ଗୋମହିଷାଦି ଚାରଣଶୀଳ ଗୋଷ୍ଠୀ, ଯାଯାବର ସଂପ୍ରଦାୟମାନଙ୍କର ଗୋଷ୍ଠୀ ଜଙ୍ଗଲ ଅଧିକାର ସମ୍ପର୍କୀତ ଦାବୀ ନିର୍ଣ୍ଣୟ କରିବା ସମୟରେ କ୍ଷମତାପ୍ରାପ୍ତ ଅନୁଷ୍ଠାନ/ଅଧିକାରୀମାନେ ସେମାନଙ୍କର ପ୍ରତିନିଧିତ୍ୱକୁ ଯଥାବିଧି ଭାବରେ ବିଚାର କରିଛନ୍ତି କି ନାହିଁ ।

ପୁନଶ୍ଚ, ଭିଡ଼ିଓ କନ୍‌ଫରେନ୍‌ସଂରେ ବେସରକାରୀ ସଂସ୍ଥା, ସାମାଜିକ ସଂଗଠନ, ସ୍ଥାନୀୟ ଯୁବଗୋଷ୍ଠୀ ଇତ୍ୟାଦିଙ୍କୁ ଗୋଷ୍ଠୀ ଜଙ୍ଗଲ ଅଧିକାର ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେବା ନିମନ୍ତେ ସାମିଲ କରିବା ପାଇଁ ସ୍ପଷ୍ଟ କରାଯାଇଛି ଏବଂ ଏଥିପାଇଁ ପରିଚ୍ଛେଦ ୨୭୫ (୧) ରେ ଥିବା ଅର୍ଥକୁ ବିନିଯୋଗ କରାଯାଇ ପାରିବ ।

### ୫. ଗୋଷ୍ଠୀ ଅଧିକାର ଦାବୀ ନିମନ୍ତେ ଅଞ୍ଚଳ ନିମନ୍ତେ କୌଣସି ପରିସୀମା ରହିଛି କି ?

ନାଁ, ଗୋଷ୍ଠୀଗତ ଦାବୀ ନିମନ୍ତେ କୌଣସି ନିର୍ଦ୍ଧାରିତ ପରିସୀମା ନାହିଁ । ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୪(୬)ରେ ବର୍ଣ୍ଣିତ ୪ ହେକ୍ଟର ସୀମା, କେବଳ ଧାରା ୩ (୧) (କ) ଅଧିନରେ କରାଯାଇଥିବା ଦାବୀ ନିମନ୍ତେ ପ୍ରଯୁଜ୍ୟ ଅଟେ, ଅନ୍ୟକୌଣସି ଅଧିକାର ପାଇଁ ଏହି ସୀମା ଲାଗୁ ହେବ ନାହିଁ ।

### ୬. ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଦାବୀ ନିମନ୍ତେ କଣ କଣ ପ୍ରମାଣପତ୍ରର ଆବଶ୍ୟକତା ରହିଛି ଏବଂ ସେଗୁଡ଼ିକୁ କିଏ ଯୋଗାଇଦେବେ ?

ନିୟମ ୧୩ (୧) ଅନୁଯାୟୀ, ଜଙ୍ଗଲ ଅଧିକାର ସ୍ୱୀକୃତି ଏବଂ ପ୍ରଦାନ ନିମନ୍ତେ ନିମ୍ନଲିଖିତ ପ୍ରମାଣ ଗ୍ରହଣୀୟଯୋଗ୍ୟ ଅଟେ:

(କ) ସର୍ବସାଧାରଣ ସଂକ୍ରାନ୍ତ ଦଲିଲ, ସରକାରୀନଥି ଯଥା : ଭୌଗଳିକ ସୂଚୀପତ୍ର, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ନଥିପତ୍ର, ମାନଚିତ୍ରାବଳୀ, ଉପଗ୍ରହ ପ୍ରେରିତ ଚିତ୍ରସମୂହ, କାର୍ଯ୍ୟକାରୀ

ଯୋଜନାବଳୀ, ପରିଚାଳନା ଯୋଜନା, ଏକକ ଯୋଜନା, ଜଙ୍ଗଲ ଅନୁସନ୍ଧାନ ମୂଳକ ନଥିପତ୍ର ଓ ରିପୋର୍ଟ, ଜଙ୍ଗଲ ସଂପର୍କିତ ଅନ୍ୟାନ୍ୟ ନଥିପତ୍ର, ନଥିଭୁକ୍ତ ଅଧିକାର ଗୁଡ଼ିକ ଯଥା: ଜମିପଟ୍ଟା ଓ ଲିଜ୍, ସରକାରଙ୍କ ଦ୍ୱାରା ଗଠିତ ଆୟୋଗ ଓ କମିଟିଗୁଡ଼ିକର ରିପୋର୍ଟ, ସରକାରୀ ଆଦେଶ ଓ ନିର୍ଦ୍ଦେଶନାମା, ବିଜ୍ଞପ୍ତି, ଆଦେଶପତ୍ର ଓ ଆନୁଷ୍ଠାନିକ ପ୍ରସ୍ତାବ ।

(ଖ) ଭାରତ ସରକାରଙ୍କର ନୃତତ୍ତ୍ୱ ବିଭାଗ ଭଳି ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ ଭଳୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା କରାଯାଇଥିବା ଗବେଷଣାତ୍ମକ ଅଧ୍ୟୟନ, କୌଣସି ଜଙ୍ଗଲ ଅଧିକାରର ଦୃଷ୍ଟାନ୍ତମୂଳକ ଉପଯୋଗ ସମ୍ବଳିତ ପ୍ରଥା, ପରମ୍ପରା ଏବଂ ପାରମ୍ପରିକ ଆଇନ୍ ସହ ଜଡିତ ଥିବା ଘଟଣାବଳୀର ଦଲିଲ୍‌କରଣ

(ଗ) ତତ୍‌କାଳୀନ ରାଜତନ୍ତ୍ର ଅଧୀନସ୍ଥ ରାଜ୍ୟ କିମ୍ବା ପ୍ରଦେଶ କିମ୍ବା ତଦନୁରୂପ ମଧ୍ୟସ୍ଥ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କଠାରୁ ପାଇଥିବା ଅନୁମୋଦନ, ରିହାତି, ବିଶେଷ ସୁବିଧା, ନଥିଭୁକ୍ତ ଅଧିକାର, ମାନଚିତ୍ର ସମେତ ଅନ୍ୟ କୌଣସି ନଥିପତ୍ର ।

(ଘ) ପୁରୁଣାକାଳିଆ ପାରମ୍ପରିକ ଢାଞ୍ଚାକୁ ପ୍ରତିପାଦିତ କରୁଥିବା ସ୍ମାରକ ଯଥା : କୂପ, ଶ୍ମଶାନ, ପୂଜାପାର୍ବଣ ସ୍ଥଳୀ ।

**ନିୟମ ୧୩ (୨) ଅନୁଯାୟୀ, ଗୋଷ୍ଠୀଗତ ଜଙ୍ଗଲ ଅଧିକାର ନିମନ୍ତେ ନିମ୍ନଲିଖିତ ପ୍ରମାଣ ଗ୍ରହଣଯୋଗ୍ୟ ଅଟେ:**

(କ) ଗୋଷ୍ଠୀଗତ ଅଧିକାର ଯଥା "ନିସ୍ତାର" ବା ସେହିଭଳି ନାମରେ ନାମିତ ଅନ୍ୟ କିଛି ।

(ଖ) ପାରମ୍ପରିକ ଗୋଚର ଜମି, ମୂଳ ଓ କନ୍ଦା ସଂଗ୍ରହ ପାଇଁ ଜମି, ଗୋଖାଦ୍ୟ, ଖାଦ୍ୟ ଯୋଗ୍ୟ ବନ୍ୟ ଫଳ, ଏବଂ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ, ମାଛଧରା ସ୍ଥଳୀ, ଜଳସେଚନ ପ୍ରଣାଳୀ, ମନୁଷ୍ୟ ଓ ପ୍ରାଣୀମାନଙ୍କ ବ୍ୟବହାର ନିମନ୍ତେ ଜଳର ଉତ୍ସ ଓ ବୈଦ୍ୟମାନଙ୍କର ଔଷଧୀୟ ବୃକ୍ଷ ସଂଗ୍ରହ ସ୍ଥଳୀ ।

(ଗ) ଆଞ୍ଚଳିକ ଗୋଷ୍ଠୀ ଦ୍ୱାରା ନିର୍ମିତ ଢାଞ୍ଚାଗୁଡ଼ିକର ଅବଶିଷ୍ଟାଂଶ, ପବିତ୍ର ବୃକ୍ଷ ସମୂହ, ତୋଟା ଏବଂ ପୁଷ୍କରିଣୀ କିମ୍ବା ନଦୀ ଅଞ୍ଚଳ, ଶ୍ମଶାନଘାଟ ବା କବରସ୍ଥଳୀ ।

## ୭. ସୂଚନା, ନଥିପତ୍ର ବା ଦଲିଲ୍ କିଏ ପ୍ରଦାନ କରିବ ?

ନିୟମ ୧୨ (୪) ଅନୁଯାୟୀ, ଯଦି କୌଣସି ସଂପୃକ୍ତ ଅଧିକାରୀ, ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟି ତରଫରୁ ସେମାନଙ୍କୁ ତଥ୍ୟ, ସୂଚନା ଏବଂ ନଥିପତ୍ର ଯୋଗାଇଦେବା ନିମନ୍ତେ ଲିଖିତ ଅନୁରୋଧ ପାଆନ୍ତି, ତେବେ ଉକ୍ତ ଅଧିକାରୀ ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିକୁ ଏକ ପ୍ରମାଣୀକୃତ ନକଲ ପ୍ରଦାନ କରିବେ ଏବଂ ଆବଶ୍ୟକସ୍ଥଳେ ସେମାନେ କୌଣସି କ୍ଷମତାପ୍ରାପ୍ତ ଅଧିକାରଙ୍କୁ ପଠାଇ ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିର ସନ୍ଦେହକୁ ଦୂର କରିବାରେ ସହାୟତା ପ୍ରଦାନ କରିବେ ।

ପୁନଶ୍ଚ, ଏହି ବିଭାଗ ଦ୍ୱାରା ତା ୨୬.୧୨.୦୯ରିଖରେ ପ୍ରେରିତ ପତ୍ର (ସଂଖ୍ୟା ୪୫୬୫୯)ର ଅନୁଚ୍ଛେଦ ୪ରେ ସୂଚୀତ କରାଯାଇଛି ଯେ, ସଂରକ୍ଷିତ ଜଙ୍ଗଲ ନିମନ୍ତେ ପ୍ରସ୍ତୁତ କାର୍ଯ୍ୟକାରୀ ଯୋଜନାବଳୀରେ ଉଭୟ ବ୍ୟକ୍ତିଗତ

ଏବଂ ଗୋଷ୍ଠୀଗତ ଅଧିକାର ବିଷୟରେ ତଥ୍ୟ ପ୍ରଦାନ କରାଯାଇଛି । ଏତଦ୍‌ବ୍ୟତିତ ସଂରକ୍ଷିତ ଜଙ୍ଗଲ ଘୋଷଣା ପତ୍ରରେ ମଧ୍ୟ ଗୋଷ୍ଠୀଗତ ଅଧିକାର ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏହି ସମସ୍ତ ନଥିପତ୍ର ନିଜ ନିଜ ଜିଲ୍ଲାରେ ଥିବା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଉପଲବ୍‌ଧ ଅଟେ । ଏହାକୁ ଗ୍ରାମସଭା, ଉପଖଣ୍ଡସ୍ତରୀୟ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟିକୁ ଯୋଗାଇ ଦେବା ଦରକାର ।

**୮. ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଅଞ୍ଚଳ ଯେପରିକି ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ କରାଯାଇପାରିବ କି ?**

ହଁ । ଆଇନ୍‌ର ଧାରା ୨ (କ) ଅନୁଯାୟୀ, **‘ଗୋଷ୍ଠୀ ଜଙ୍ଗଲ ସମ୍ବଳ’** ଅର୍ଥାତ୍ ଗ୍ରାମର ପାରମ୍ପରିକ କିମ୍ବା ପ୍ରଥାନୁମୋଦିତ ସୀମା ମଧ୍ୟରେ ଥିବା ପାରମ୍ପରିକ ଜଙ୍ଗଲ ଜମି ଏବଂ ମେଷପାଳକ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ସେମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଋତୁଭିତ୍ତିକ ଭୂଖଣ୍ଡ ଯଥା ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ ଏବଂ ସୁରକ୍ଷିତ ଅଞ୍ଚଳ ଯେପରିକି ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ, ଯେଉଁଥିରେ ଲୋକମାନଙ୍କର ପାରମ୍ପରିକ ବ୍ୟବହାର କରିବାର ଅଧିକାର ରହିଛି ।

**୯. ଗୋଷ୍ଠୀଗତ ଅଧିକାର ଏବଂ ଉନ୍ନୟନମୂଳକ ସୁବିଧା ମଧ୍ୟରେ ପାର୍ଥକ୍ୟ କଣ ?**

ଆଇନ୍‌ର ଧାରା ୩ (୧) ଅଧିନରେ ବିଭିନ୍ନ ପ୍ରକାରର ଗୋଷ୍ଠୀ ଜଙ୍ଗଲ ଅଧିକାର ବିଶେଷ କରି ଜଙ୍ଗଲ ସମ୍ବଳ ଉପରେ ଗୋଷ୍ଠୀମାନଙ୍କର ପ୍ରବେଶ ଏବଂ ବ୍ୟବହାର ଅଧିକାର ସଂପର୍କରେ ଦର୍ଶାଯାଇଥିବା ବେଳେ ଧାରା ୩ (୨)ରେ ମୁଖ୍ୟତଃଭାବେ ସରକାରୀ ଉନ୍ନୟନମୂଳକ ସୁବିଧାସୁଯୋଗର କାର୍ଯ୍ୟକାରୀ ଯଥା – ବିଦ୍ୟାଳୟ, ଡ଼ାକ୍ତରଖାନା, ଅଙ୍ଗନୱାଡ଼ି, ପାନୀୟ ଜଳଯୋଗାଣ, ରାସ୍ତା ଇତ୍ୟାଦି ପାଇଁ ଜଙ୍ଗଲ ଜମିକୁ ପରିବର୍ତ୍ତନ କରାଯାଇପାରିବାର ପ୍ରାବଧାନ ରହିଛି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ୧୮.୦୫.୨୦୦୯ ତାରିଖରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି, ଯେଉଁଥିରେ ଉନ୍ନତିମୂଳକ କାର୍ଯ୍ୟନିମନ୍ତେ ଜଙ୍ଗଲ ଜମିର ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଅଛି ।

## ବିଶେଷ ଦ୍ରଷ୍ଟବ୍ୟ

ଏହା ମୂଳ ସରକାରୀ ନିର୍ଦ୍ଦେଶନାମା ସଂଖ୍ୟା- ୮୩୪୮, ତା ୨୦.୨.୨୦୧୦ର ଓଡ଼ିଆ ଅନୁବାଦ ଅଟେ । ଆମେ ମୂଳ ପତ୍ରର ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତ ଚେଷ୍ଟା କରିଅଛୁଁ । ଜଙ୍ଗଲ ଅଧିକାର ଆଇନ୍,୨୦୦୬ର କାର୍ଯ୍ୟକାରୀ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହା ଏକ ଉଦ୍ୟମ । ଏହାକୁ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବହାର କରାଯାଇପାରିବ ନାହିଁ । ଆପଣ ଏହି ମୂଳପତ୍ରର ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପାଇପାରିବେ । ଏହା ମଧ୍ୟ www.fra.org.in ଓ http://www.orissa.gov.in/stsc/index.htm ରେ ଉପଲବ୍ଧ ଅଟେ । ଉକ୍ତ ପତ୍ର ଅବା ଜଙ୍ଗଲ ଅଧିକାର ଆଇନ୍, ୨୦୦୬ ଓ ନିୟମ ୨୦୦୭ ସଂପର୍କରେ ଯଦି ଅଧିକ ଜାଣିବାକୁ ଚାହୁଁଛନ୍ତି, ତେବେ ଆପଣ ଜଙ୍ଗଲ ଅଧିକାର ସହାୟତା ଫୋନରେ (ନଂ: ୧୮୦୦ ୩୪୫୬ ୭୭୧) ଆମ ସହ ଯୋଗାଯୋଗ କରିପାରନ୍ତି ।

**ବସୁନ୍ଧରା**

ପ୍ଲଟ୍ ନଂ: ଏ/୭୦, ଶହିଦ୍ ନଗର, ଭୁବନେଶ୍ୱର

ଫୋନ୍ ଓ ଫ୍ୟାକ୍ସ ନଂ – ୦୬୭୪ – ୨୫୪୨୦୧୧/୦୧୨/୦୨୮, ଜଙ୍ଗଲ ଅଧିକାର ସହାୟତା ନଂ – ୧୮୦୦ ୩୪୫୬ ୭୭୧